# Akashvani, Sambalpur

# SAMBALPURI NEWS BULLETIN

## 28 April 2024- 6.47- 6.52 am.

************************************************

### ପହେଲା ଖେପ୍ ପ୍ରାର୍ଥୀପତ୍ର ଯାଂଚ୍ ଶେଷ୍

ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ପହେଲା ଖେପ୍ ସାଧାରଣ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଯାଂଚ୍ ପ୍ରକ୍ରିୟା ଶେଷ୍ ହେଇଛେ । ପହେଲା ଖେପ୍ ନିର୍ବାଚନ୍ ଲାଗି କୋରାପୁଟ, କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍ପୁର୍ ଲୋକସଭା ଆସନ୍‌ଥି ୩୮ ଝନ୍ ପ୍ରାର୍ଥୀଙ୍କର୍ ନାମାଙ୍କନ୍ ପତ୍ର କାଏମ୍ ରହିଛେ । ସେନ୍ତା ଇ ୪ ଟା ଲୋକ୍ସଭା ଆସନ୍ ଅଧିନ୍‌ଥି ଥିବା ୨୮ ଟା ବିଧାନ୍ସଭା ଆସନ୍ ଲାଗି ୨ ଶହ ୬୬ ଝନ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ବେଲେ ଯାଂଚ୍ ଉତ୍ରୁ ୨ ଶହ ୫୬ ଝନ୍‌କର୍ ନାମାଙ୍କନ୍ ପତର୍ କାଏମ୍ ରହିଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା କାଏଲ୍‌ତକ୍ ଇ ପହେଲାଖେପର୍ ନିର୍ବାଚନ୍ ଲାଗି ଦାଖଲ୍

ପ୍ରାର୍ଥୀପତ୍ର ଫିରେଇ ନିଆଯାଇପାର୍‌ବା । ଆଏବା ମେ ମାସର୍ ୧୩ ତାରିଖ୍ ଦିନ ଇ ପହେଲା ଖେପର୍ ଭୋଟ୍ ହେବା ।

ନଡ୍ଡା- ରାହୁଲ୍ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଦିନ୍‌କିଆ ଓଡ଼ିଶା ଗସ୍ତ ନ ଆଏବେ । ଶ୍ରୀ ନଡ୍ଡା ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ଲୋକ୍‌ସଭା କ୍ଷେତ୍ର ନ ଦଲୀୟ ପ୍ରଚାର୍‌ଥି ସାମିଲ୍ ହେବେ । ଶ୍ରୀ ନଡ୍ଡା ବ୍ରହ୍ମପୁର ସହର୍‌ର ଆମ୍ବପୁଆ ବିବେକ୍ ବିହାର୍ ଠାନେ ଗୁଟେ ବିଶାଲ୍ ଜନସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ନବରଙ୍ଗ୍‌ପୁର୍ ଲୋକ୍‌ସଭା କ୍ଷେତ୍ର ନ ଭିଲ୍ ପ୍ରଚାର୍ କର୍‌ବେ ବଲି ଜନାପଡ଼ିଛେ ।

ସେନ୍ତା କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭିଲ୍ ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ଦଲର୍ ପ୍ରଚାର୍ କାମ୍‌ଥି ସାମିଲ୍ ହେବେ । ସୂଚ୍‌ନା ଅନ୍‌ସାରେ ରାହୁଲ୍ ଗାନ୍ଧୀ ସାଲେପୁର୍ ନିର୍ବାଚନ୍ ମଣ୍ଡଲୀର୍ ସତ୍ୟଭାମାପୁର୍ ନ ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଜନମ୍ ଜାଗାକେ ଯିବେ । ଇତାର୍‌ସାଙ୍ଗେ ନିର୍ଶ୍ଚିନ୍ତ କୋଇଲି ବ୍ଲକ୍‌ର କୁଳିଆ ପଡ଼ିଆ ନ ସାଧାରଣ୍ ସଭାକେ ସମ୍ବୋଧନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମଧୁସୂଦନ୍ ଦାସ୍ ଜୟନ୍ତୀ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଆଏଜ୍ ଶହେ ୭୬ ନମ୍ବର୍ ଜୟନ୍ତୀ । ଇ ଅବ୍‌ସରେ ସାରା ରାଏଜେ ଆଏଜ୍ ଆଇନ୍‌ଜୀବୀ ଦିବସ୍ ପାଲନ୍ କରାଯାଉଛେ । ମଧୁବାବୁ ଥିଲେ ଓଡ଼ିଆ ଜାତିର ଗର୍ବ ଆର୍ ଗୌରବ୍ । ଉତ୍କଳ ଗୌରବ୍ ମଧୁବାବୁଙ୍କର୍ ସ୍ମୃତିକେ ସମ୍ମାନ୍ ଦେବାର୍ ସହେତେ ତାଁକର୍ କାମ୍ ମାନ୍‌କୁ ଆଏବା ପିଢ଼ି ଲାଗି ସୁରକ୍ଷିତ ରଖିବାର୍‌କେ ସର୍‌କାରୀସ୍ତର୍‌ଥି ଭିନ୍ ଭିନ୍ ପଦ୍‌କ୍ଷେପ୍ ନିଆଯାଉଛେ ।

ଖର୍ଚ୍ଚ ପର୍ଯ୍ୟବେକ୍ଷକ-ଝାର୍‌ସୁଗୁଡ଼ା        ଝାର୍‌ସୁଗୁଡ଼ା ସମ୍ବାଦଦାତା

ସାଧାରଣ ନିର୍ବାଚନ୍‌ର ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ଭାରତୀୟ ରାଜସ୍ୱ ସେବାର୍ ୨ ଝନ୍ ବରିଷ୍ଠ ଅଧିକାରୀ ଶଶୀକାନ୍ତ ସିଂ ଆର୍ କ୍ରିଷ୍ଣମୂର୍ତି ଏଟି ଝାର୍‌ସୁଗୁଡ଼ା ପୁହୁଁଚିକରି ଜିଲ୍ଲା ନ ନିର୍ବାଚନ୍ ପରିଚାଳନା କରୁଥିବା ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିଛନ୍ । ଝାର୍‌ସୁଗୁଡ଼ା ଜିଲ୍ଲା ନ ବର୍‌ଗଡ଼୍ ସଂସଦୀୟ କ୍ଷେତ୍ର୍ ଖର୍ଚ୍ଚ

ପର୍ଯ୍ୟବେକ୍ଷକ୍ ଶଶୀକାନ୍ତ ସିଂ ଆର୍ ଜିଲ୍ଲାର୍ ଦୁହି ବିଧାନ୍‌ସଭା କ୍ଷେତ୍ର ଝାର୍‌ସୁଗୁଡ଼ା ଆର୍ ବ୍ରଜରାଜ୍‌ନଗର୍‌ର ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ କ୍ରିଷ୍ଣମୂର୍ତି ଏଟି ଗଲାକାଏଲ୍ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ନ ବୈଠକ୍ କରିଥିଲେ । ସେମାନେ ନିର୍ବାଚନ୍ ଆୟୋଗଙ୍କର୍ ନିର୍ଦ୍ଦେଶିକା ଅନ୍‌ସାରେ ଯେନ୍ତା ନିର୍ବାଚନ୍ ମୁକ୍ତ, ଅବାଧ ଆର୍ ସ୍ୱଚ୍ଛତାର୍ ସଙ୍ଗେ ହେବା ହେଥିର୍‌ଲାଗି ଯତନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ଓ୍ୱଣେ ଆର୍ ଏସ୍.ପି. ସ୍ମିଥ୍ ପି. ପର୍‌ମାର୍ ଉପସ୍ଥିତ୍ ରହିକରି ଜିଲ୍ଲା ନ ନିର୍ବାଚନ୍ ପରିଚାଳନା ବାବ୍‌ଦେ ଦୁହି ପର୍ଯ୍ୟବେକ୍ଷକଙ୍କୁ ଜନେଇଥିଲେ ।

ସୁବର୍ଣ୍ଣପୁର୍- ନିର୍ବାଚନ୍ ପ୍ରସ୍ତୁତି        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ସୋନ୍‌ପୁର୍ ବିଧାନ୍‌ସଭା କ୍ଷେତ୍ରର୍ ଭୋଟ୍ ଲାଗି ଗଲା ୨୬ ତାରିଖ୍ ବିଜ୍ଞପ୍ତି ବାହାରିଥିବାର୍ ବେଲେ ଏବ୍‌ତକ୍ ଝନେହେଲେ ପ୍ରାର୍ଥୀ ନାମାଙ୍କନ୍ ନାଇଁକରି । ସେଆଡ଼େ ଗଲାକାଏଲ୍ ନିର୍ବାଚନ୍ ଆୟୋଗ ନିଯୁକ୍ତି କରିଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ପ୍ରମୋଦ୍ ପି. ଶାହାକାର୍ ଜିଲ୍ଲା ନ ନିର୍ବାଚନ୍ ପରିଚାଳନାଥି ନିୟୋଜିତ ଅଧିକାରୀମାନ୍‌କର୍ ସାଙ୍ଗେ

ବୈଠକ୍ କରିଥିଲେ । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ବୈଠକ୍‌ଥି ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଅନ୍ୟା ଦାସ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଜିଲ୍ଲା ନ ନିର୍ବାଚନ୍ ପରିଚାଲନାର୍ ପ୍ରସ୍ତୁତି ବାବ୍‌ଦେ ଜନେଇଥିଲେ । ବୈଠକ୍‌ଥି ଏସ୍.ପି. ୟସ୍ ପ୍ରତାପ୍ ଶ୍ରୀମଲ୍ ଆର୍ ଦୁହି ବିଧାନ୍‌ସଭା କ୍ଷେତ୍ରର୍ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜିଲ୍ଲାପାଲ୍- କାରଣ୍ ଦର୍ଶାଅ ନୋଟିସ୍ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ଭୋଟ୍ ଲାଗି ତାଲିମ୍ କାର୍ଯ୍ୟକ୍ରମଥି ଅନୁପସ୍ଥିତ୍ ଥିବା ଶହେ ୧୧ ଝନ୍ କର୍ମଚାରୀଙ୍କୁ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆର୍ ଜିଲ୍ଲାପାଲ୍ କାରଣ୍ ଦର୍ଶାଅ ନୋଟିସ୍ ଜାରି କରିଛନ୍ । ୨ ଦିନ୍ ଭିତ୍‌ରେ ଇ ନୋଟିସ୍‌ର ଉତର୍ ରଖିବାର୍ ସଙ୍ଗେ ଆଏଜ୍ ସଖାଲର୍ ୮ ବଜେ ବର୍‌ଗଡ୍‌ର ପାର୍ବତୀଗିରି ମହିଳା କଲେଜ୍ ନ ହେବାର୍‌କେ ଥିବା ତାଲିମ୍ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ରହେବାର୍‌କେ ଇ କର୍ମଚାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଆଇଆଇଏମ୍ ସମ୍ବଲପୁର ସମ୍ବାଦଦାତା

ଭାରତୀୟ ପ୍ରବନ୍ଧନ୍ ପ୍ରତିଷ୍ଠାନ୍ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ୮ ନମ୍ବର୍ ବଛର୍‌କିଆ ସମାବର୍ତନ୍ ଉତ୍ସବ୍ ଆଏଜ୍ ବସନ୍ତପୁର୍ ନ ଥିବା ଆଇଆଇଏମ୍‌ର ନୂଆଁ କେମ୍ପସ୍ ଅଡ଼ିଟୋରିୟମ୍ ନ ହେବା । ଆଇଆଇଏମ୍ ସମ୍ବଲ୍‌ପୁର୍‌ର ବୋର୍ଡ଼ ଅଫ୍ ଗଭର୍ଣ୍ଣର୍‌ର ଚେୟାର୍ ପର୍ସନ୍ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କର୍ ଉପସ୍ଥିତିଥି ହେବାର୍‌କେ ଥିବା ଉତ୍ସବ୍ ନ ବନ୍ଧନ୍ ବେଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ୍ ଆର୍ ସିଇଓ ଚନ୍ଦ୍ରଶେଖର୍ ଘୋଷ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ତାପମାତ୍ରା ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ରାଏଜେ ଆଏବା ମେ ୧ ତାରିଖ୍‌ତକ୍ ଜବର୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା ୪୮ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଦିନର୍ ତାତି ଆହୁରି ୨ ଡିଗ୍ରୀ ବଢ଼୍‌ବାର୍ ଅନୁମାନ୍ କରାଯାଇଛେ । ରାଜ୍ୟର୍ ଉତର୍ ଓଡ଼ିଶା ଆଉ ପଶ୍ଚିମ ଅଭ୍ୟନ୍ତରିଣ ଓଡ଼ିଶା ନ ଗ୍ରୀଷ୍ମପ୍ରବାହ ଥିତି ଅଏତ୍‌କା ରହେବା । ଅଲ୍‌ଗା ଜିଲ୍ଲାମାନ୍‌କେ ଭିଲ୍ ଆଦ୍ରତା ରହେବା । ଜବର୍ ଗ୍ରୀଷ୍ମପ୍ରବାହର୍ ଲାଗି ସମ୍ବଲପୁର, ନୂଆପଡ଼ା,

ବଲାଙ୍ଗିର୍, ବୌଦ୍ଧ, ସୁନ୍ଦରଗଡ୍, ଝାର୍ସୁଗୁଡ଼ା ଆଉ ଅନୁଗୁଲ୍ ସହେତେ ୧୨ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତରଫୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ହେନ୍ତା ସମୁଦ୍ରକୁଲିଆ ଜିଲ୍ଲା ସହେତେ ବର୍ଗଡ୍, ଦେବ୍ଗଡ୍, ସୋନ୍ପୁର୍ ଆର୍ କଲାହାଣ୍ଡି ଜିଲ୍ଲାକେ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହେଇଛେ । ଦିନର୍ ୧୧ ନୁ ୩ ବଜେ ଭିତ୍ରେ ଦର୍କାର୍ ନାଇଁଥିଲେ ଘରୁ ନାଇଁ ବାହାର୍ବାର୍ ସଙ୍ଗେ ଗର୍ଭବତୀ, ହୃଦ୍ରୋଗୀ, ଛୋଟ୍ଛୁଆ, ବୟସ୍କବ୍ୟକ୍ତି ମାନେ ସତର୍କ ରହେବାର୍କେ ପରାମର୍ଶ ଦିଆଯାଇଛେ ।